# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 21 December – 2025

************************************

## <u>ମୁଖ୍ୟ ସମ୍ବାଦ</u>

- ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ପାଇଁ ଗ୍ୟାରେଣ୍ଟି ଅଭିଯାନ (ଗ୍ରାମୀଣ) ୨୦୨୫ ବିଲକୁ ରାଷ୍ଟ୍ରପତିଙ୍କ ଅନୁମୋଦନ
- କୋରାପୁଟ ମହୋତ୍ସବ-ପରବରେ ଆଜି ଯୋଗଦେବେ ମୁଖ୍ୟମନ୍ତ୍ରୀ
- ରେଳବାଇ ପକ୍ଷରୁ ଆସନ୍ତା ୨୬ ତାରିଖରୁ ଲାଗୁ ହେବ ଯାତ୍ରୀଙ୍କ ପାଇଁ ସଂଶୋଧିତ ଭଡା

ଏବଂ

- ନୟାଗଡ଼ ଡିଭିଜନ ଅନ୍ତର୍ଗତ କୁସଙ୍ଗ ରେଞ୍ଜର ସାତକୋଶିଆ ଅଭୟାରଣ୍ୟରେ ଆରମ୍ଭ ହେଲା ବାଘଗଣନା

## ଭିବି-ଜି.ରାମ.ଜି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ପାଇଁ ଗ୍ୟାରେଣ୍ଟି ଅଭିଯାନ (ଗ୍ରାମୀଣ) ଭିବି-ଜି.ରାମଜି. ବିଲ୍-୨୦୨୫କୁ ଅନୁମୋଦନ କରିଛନ୍ତି ।  ଏହାପରେ ଭିବି-ଜି.ରାମ.ଜି ବିଲ୍ ଆଇନ୍‌ରେ ପରିଣତ ହୋଇଛି। ପୂର୍ବରୁ ସଂସଦର ଶୀତକାଳୀନ ଅଧବବେଶନରେ ଏହି ବିଲ୍ ପାରିତ ହୋଇଥିଲା । ଏହି ଆଇନ ଅନ୍ତର୍ଗତ ଗ୍ରାମୀଣ ପରିବାରପାଇଁ ପ୍ରତି ଆର୍ଥିକ ବର୍ଷରେ ରୋଜଗାର ଗ୍ୟାରେଣ୍ଟି ୧୦୦ ଦିନରୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ  ପକ୍ଷରୁ କୁହାଯାଇଛି, ଗ୍ରାମୀଣ ନିଯୁକ୍ତି ନୀତିର ପରିବର୍ତ୍ତନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଆଇନ ସଶକ୍ତୀକରଣ, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ବିକାଶ ପଦକ୍ଷେପର ସମନ୍ୱୟକୁ ଆଗକୁ ବଢ଼ାଇବାର ପ୍ରୟାସ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ - ମନରେଗା-୨୦୦୫ ବଦଳରେ ବର୍ତ୍ତମାନ ବିକଶିତ ଭାରତ-ଜି. ରାମ ଜି. ଆଇନ କାର୍ଯ୍ୟ କରିବ ।

## ଶିବରାଜ ସିଂହ ଚୌହାନ

କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ମନରେଗାର ପରବର୍ତ୍ତୀ ପଦକ୍ଷେପ ହେଉଛି ବିକଶିତ ଭାରତ ଜି. ରାମ ଜି.। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ କହିଛନ୍ତି, ଗ୍ରାମୀଣ ପରିବାରର ବୟସ୍କ ସଦସ୍ୟଙ୍କୁ ପୂର୍ବ ଯୋଜନା ଅନୁଯାୟୀ ୧୦୦ ଦିନର ମଜୁରୀ ନିଯୁକ୍ତି ମିଳୁଥିବାବେଳେ ଏହି ଆଇନଦ୍ୱାରା ଏହାକୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି । ଏଥିରେ କାମ ଆବଣ୍ଟନ ନ ହେଲେ ବେକାରୀ ଭତ୍ତା ଏବଂ ମଜୁରୀ ବିଳମ୍ବ ହେଲେ ଅତିରିକ୍ତ

ପରିମାଣର ବ୍ୟବସ୍ଥା ମଧ୍ୟ ରହିଛି ବୋଲି ଶ୍ରୀ ଚୌହାନ କହିଛନ୍ତି । ଚାଷ କାର୍ଯ୍ୟ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଚାଷୀଙ୍କ ପାଇଁ ମଧ୍ୟ ଏଥିରେ ବ୍ୟବସ୍ଥା ରହିଛି । ବିଲ୍ ପାଇଁ ୧ ଲକ୍ଷ ୫୧ ହଜାର କୋଟି ଟଙ୍କାର ଅଧିକ ପ୍ରସ୍ତାବ ଦିଆଯାଇଛି । ପଞ୍ଚାୟତ ସଚିବ, ନିଯୁକ୍ତି ସହାୟକ ଏବଂ ବୈଷୟିକ କର୍ମଚାରୀମାନଙ୍କୁ ସମୟୋଚିତ ଓ ପର୍ଯ୍ୟାପ୍ତ ଦରମା ପ୍ରଦାନ କରିବାପାଇଁ ବିଲ୍‌ରେ ପ୍ରଶାସନିକ ଖର୍ଚ୍ଚପାଇଁ ୬ ପ୍ରତିଶତରୁ ୯ ପ୍ରତିଶତ ପର୍ଯ୍ୟନ୍ତ ବର୍ଦ୍ଧିତ ଅଂଶ ରହିଛି ବୋଲି ଶ୍ରୀ ଚୌହାନ ସୂଚନା ଦେଇଛନ୍ତି ।

***Voice (Chouhan)*** **:......**

ଶ୍ରୀ ଚୌହାନ କହିଛନ୍ତି, ଏହା ଜଳ ସଂରକ୍ଷଣ, ଗ୍ରାମ ଭିତ୍ତିଭୂମି, ଜୀବିକା ନିର୍ବାହ ଏବଂ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ କାର୍ଯ୍ୟ ହାତକୁ ନେଇ ଗ୍ରାମୀଣ ବିକାଶରେ ସହାୟକ ହେବ। ଗ୍ରାମୀଣ ଲୋକଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ଦାରିଦ୍ର୍ୟରୁ ମୁକ୍ତ କରିବ। ବିକଶିତ ଭାରତ ନିର୍ମାଣ ପାଇଁ ବିକଶିତ ଗ୍ରାମଗୁଡ଼ିକର ସଙ୍କଳ୍ପକୁ ଏହି ଅଭିଯାନ ପୂରଣ କରିବାରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## କୋରାପୁଟ ମହୋତ୍ସବ - ପରବ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କୋରାପୁଟ ଲୋକ ମହୋତ୍ସବ-ପରବରେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ବିଶାଖାପଟନମ୍‌ରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କୋରାପୁଟ ବିଏସ୍‌ଏଫ୍ ହେଲିପ୍ୟାଡ୍‌ରେ ଅବତରଣ କରିଛନ୍ତି। ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ସରକାରୀ ଅଧିକାରୀ ଓ ଜନପ୍ରତିନିଧିଙ୍କ ସହ ଜିଲ୍ଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ନେଇ ଆଲୋଚନା କରୁଛନ୍ତି। ରାତି ୮ଟାରେ ଶ୍ରୀ ମାଝୀ ପରବ ପଡିଆରେ

ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ସହ ପଲିଶ୍ରୀ ମେଳା ପରିଦର୍ଶନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଦିନିକିଆ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ପରବ ମହୋତ୍ସବ ଆସନ୍ତାକାଲି ଉଦ୍‌ଯାପିତ ହେବ।

## ଅଗ୍ନିବୀର

ସୀମା ସୁରକ୍ଷା ବଳ ବିଏସ୍‌ଏଫ୍‌ରେ କନ୍‌ଷ୍ଟେବଲ ନିଯୁକ୍ତି ପାଇଁ ପୂର୍ବତନ ଅଗ୍ନିବୀରଙ୍କ କୋଟାକୁ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ୧୦ ପ୍ରତିଶତ ରହିଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ପ୍ରଥମ ବ୍ୟାଚ୍ ପୂର୍ବତନ ଅଗ୍ନିବୀରଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ ଏବଂ ପରବର୍ତ୍ତୀ ଅଗ୍ନିବୀରଙ୍କ ପାଇଁ ୩ ବର୍ଷ କୋହଳ କରାଯାଇଛି। ପୂର୍ବତନ ଅଗ୍ନିବୀରଙ୍କ ପାଇଁ ଶାରୀରିକ ମାନଦଣ୍ଡ ଏବଂ ଦକ୍ଷତା ପରୀକ୍ଷା ହେବ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ସୀମା ସୁରକ୍ଷା ବାହିନୀ ଅଣଗେଜେଟେଡ୍ ସାଧାରଣ ଡିଉଟି କ୍ୟାଡର ନିଯୁକ୍ତି ନିୟମ-୨୦୧୫ରେ ଏଥିପାଇଁ ଆବଶ୍ୟକ ସଂଶୋଧନ କରାଯାଇଛି।

## ରେଳ ଭଡା ବୃଦ୍ଧି

ରେଳବାଇ ପକ୍ଷରୁ ଯାତ୍ରୀଭଡା ସଂଶୋଧନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନୂତନ ଭଡା ଆସନ୍ତା ୨୬ ତାରିଖରୁ ଲାଗୁ ହେବ। ସାଧାରଣ ଶ୍ରେଣୀରେ ୨୧୫ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା ପାଇଁ ଭଡାରେ କୌଣସି ବୃଦ୍ଧି କରାଯାଇନାହିଁ। ଏହାପରେ କିଲୋମିଟର ପିଛା ଭଡା ଏକ ପଇସା ବୃଦ୍ଧି ପାଇବ। ମେଲ ଏବଂ ଦ୍ରୁତଗାମୀ ଟ୍ରେନ୍‌ର ନନ୍‌ଏସି ଶ୍ରେଣୀ ପାଇଁ ଭଡା କିଲୋମିଟର ପିଛା ଦୁଇ ପଇସା ବଢ଼ିବ। ଏସି ଶ୍ରେଣୀ ପାଇଁ ପ୍ରତି

କିଲୋମିଟର ପିଛା ଦୁଇ ପଇସା ଭଡା ବୃଦ୍ଧି କରାଯାଇଛି। ନନ୍‌ଏସି ଶ୍ରେଣୀରେ ୫୦୦ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା ପାଇଁ ଯାତ୍ରୀଙ୍କୁ ୧୦ ଟଙ୍କା ଅଧିକ ଦେବାକୁ ପଡିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ଭଡା ବୃଦ୍ଧି ଦ୍ୱାରା ପ୍ରାୟ ୬୦୦ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ସୃଷ୍ଟି ହେବ। ରେଳ ମନ୍ତ୍ରଣାଳୟ କହିଛି, ଗତ ଦଶନ୍ଧି ମଧ୍ୟରେ ଦେଶରେ ରେଳ ଯୋଗାଯୋଗ ଏବଂ କାର୍ଯ୍ୟ ପରିସର ଯଥେଷ୍ଟ ବୃଦ୍ଧି ପାଇଛି। ଯାତ୍ରୀଙ୍କ ସୁଗମ ଯାତ୍ରା ପାଇଁ ରେଳବାଇ ପକ୍ଷରୁ ବିଭିନ୍ନ ସୁରକ୍ଷା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ରେଳ ଯୋଗେ ମାଲ ପରିବହନ କ୍ଷେତ୍ରରେ ଭାରତ ବିଶ୍ୱର ଦ୍ୱିତୀୟ ରାଷ୍ଟ୍ରର ମାନ୍ୟତା ପାଇଛି। ମାନବ ସମ୍ବଳ ଏବଂ ଅନ୍ୟାନ୍ୟ ଖର୍ଚ୍ଚକୁ ଦୃଷ୍ଟିରେ ରଖି ଏହି ଯାତ୍ରୀଭଡା ବୃଦ୍ଧି କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି।

## ଆଡିବନ୍ଧ ଭିତ୍ତିପ୍ରସ୍ତର

ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ **ଭଦ୍ରକ** ଜିଲ୍ଲାର ସାଳନ୍ଦୀ ନଦୀ ଉଭୟ ପାର୍ଶ୍ୱର ସୁରକ୍ଷା, ସୌନ୍ଦର୍ଯ୍ୟୀକରଣ ଓ ଆଡିବନ୍ଧ ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଆଜି କରିଛନ୍ତି। ଶ୍ରୀ ସୂରଜ କହିଛନ୍ତି, ସାଳନ୍ଦୀ ନଦୀ ଆଂଚଳିକ ଲୋକଙ୍କ ଜୀବନ ଓ ଜୀବିକା ସହ ଗଭୀର ଭାବେ ଜଡିତ। ଆଡିବନ୍ଧ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ନଦୀତଟବର୍ତ୍ତୀ ଅଂଚଳ ସୁରକ୍ଷିତ ରଖାଯାଇପାରିବ। କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଉପସ୍ଥିତ ଥିଲେ।

## ବାଲ ବୈଜ୍ଞାନିକ ପ୍ରଦର୍ଶନୀ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଝାରସୁଗୁଡ଼ା ବ୍ରଜରାଜନଗର ପୌରାଞ୍ଚଳର ଓପିଏମ୍ ସରକାରୀ ଉଚ୍ଚବିଦ୍ୟାଳୟ

ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଯୋଗଦେଇଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି, ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବଚିନ୍ତନ, ସୃଜନଶୀଳତା ଓ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବାରେ ଏଭଳି ପ୍ରଦର୍ଶନୀ ଗୁରୁତ୍ୱ ବହନ କରେ। ପ୍ରଦର୍ଶନୀରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ବିଭିନ୍ନ ବୈଜ୍ଞାନିକ ମଡେଲ ପରିଦର୍ଶନ କରିବା ସହିତ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ପ୍ରଶଂସା କରିଥିଲେ।

## ବିଜ୍ଞାନ ପ୍ରଦର୍ଶନୀ

**ରାୟଗଡ଼ା** ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ୧୧ଟି ବ୍ଲକ୍‌ରୁ ୬୬ଟି ପ୍ରକଳ୍ପ ଏବଂ ଜିଲ୍ଲାର ୭୦ଟି ବିଦ୍ୟାଳୟରୁ ୧୪୩ଟି ବିଜ୍ଞାନ ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା।

## ବାଘ ଗଣନା

ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ନୟାଗଡ଼ ଡିଭିଜନ ଅନ୍ତର୍ଗତ **ବୌଦ୍ଧ** ଜିଲ୍ଲା କୁସଙ୍ଗ ରେଞ୍ଜର ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟରେ ଆଜିଠାରୁ ବାଘ ଗଣନା ଆରମ୍ଭ ହୋଇଛି।    ରେଞ୍ଜ ଅଧୀନରେ ଥିବା କୁସଙ୍ଗ, କୁମାରୀ, ମାରଡା, ପଦ୍ମତୋଳା, ଶ୍ରୀପାଜୁ, ଅତଲସରା, ଶୀତଲପାଣି, ସୁନାଖଣିଆ, ହିଞ୍ଜୋଳ, ନନ୍ଦାଗାଡୁ ଓ ନୂଆପଡା ଆଦି ଅଂଚଳରେ ବାଘ ଗଣନା କରାଯାଉଛି। ଏହି ରେଞ୍ଜ୍‌କୁ ୧୧ଟି ବିଟ୍‌ରେ ଭାଗ କରାଯାଇଛି। ବିଟ୍ ପିଛା ୩ ଜଣ ଲେଖାଏଁ ବାଘ ଗଣନାରେ ନିୟୋଜିତ ଅଛନ୍ତି। ନଦୀ ପଠା, ନାଳ ଓ ଘଞ୍ଚ

ଜଙ୍ଗଲରେ କ୍ୟାମେରା ଓ ପ୍ରତ୍ୟକ୍ଷ ଭାବେ ବାଘର ପାଦଚିହ୍ନ, ରାମ୍ପୁଡ଼ା ଓ ମଳ ନମୂନା ସଂଗ୍ରହ କରାଯାଉଛି ।

## ସନ୍‌ଡେ ଅନ୍ ସାଇକେଲ

ରେଳବାଇ କର୍ମଚାରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ସୁସ୍ଥ ଜୀବନଶୈଳୀ ଏବଂ ପରିବେଶ ସଚେତନତା ଉଦ୍ଦେଶ୍ୟରେ ଆଜି ପୂର୍ବତଟ ରେଳପଥ କ୍ରୀଡ଼ା ସଂଘ **ଇ-କୋର୍ସା** ପକ୍ଷରୁ 'ସନ୍‌ଡେ ଅନ୍ ସାଇକେଲ' ଆୟୋଜିତ ହୋଇଯାଇଛି । ପୂର୍ବତଟ ରେଳ ପଥ କ୍ରୀଡ଼ା ସଂଘ **ଖୋର୍ଦ୍ଧା** ରୋଡ୍ ରେଳମଣ୍ଡଳ ଦ୍ୱାରା ସାଇକ୍ଲୋଥୋନ ୨୦୨୫ର ଆୟୋଜନ କରାଯାଇଥିଲା ।

# ପିଏମ୍‌ଶ୍ରୀ

**ମାଲକାନଗିରି** ପିଏମ୍‌ଶ୍ରୀ ସରକାରୀ ନୋଡାଲ ହାଇସ୍କୁଲର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଆଜି ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଯୋଗଦେଇ ସମୟର ସଦୁପଯୋଗ କରି ଜୀବନରେ ଅଗ୍ରସର ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଶିକ୍ଷାରେ ସଶକ୍ତୀକରଣ ବିଷୟକୁ ନେଇ ଏକ ନାଟକ ମଂଚସ୍ଥ କରାଯାଇଥିଲା ।

## ଶିଶୁ ମେଳା

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ **ବୌଦ୍ଧ** ଜିଲ୍ଲା ସଂଗଠନ ତରଫରୁ ଜିଲ୍ଲାସ୍ତରୀୟ ଶିଶୁ ମେଳା ଲୁଣିବାହାଲଠାରେ ଆୟୋଜିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ଉଚ୍ଚବିଦ୍ୟାଳୟରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ୧୦ଟି ବିଭାଗରେ ଆୟୋଜିତ ପ୍ରତିଯୋଗୀତାର ଶ୍ରେଷ୍ଠ

ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୁଯୋଗ ମିଳିବ ।

## ସାଂସଦ ଖେଳ ମହୋତ୍ସବ

**ନବରଙ୍ଗପୁର** ମିନି ଷ୍ଟାଡିୟମ୍‌ଠାରେ ସାଂସଦ ଖେଳ ମହୋତ୍ସବ ଆଜିଠାରୁ ଆରମ୍ଭ ହୋଇଛି । ସାଂସଦ ବଳଭଦ୍ର ମାଝୀ ଏହି ଉତ୍ସବର ଉଦ୍‌ଘାଟନ କରି ଶାରୀରିକ ଏବଂ ମାନସିକ ସୁସ୍ଥତା ପାଇଁ କ୍ରୀଡାର ମହତ୍ତ୍ୱ ରହିଛି ବୋଲି କହିଥିଲେ । ଆସନ୍ତା ୫ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ ।

## ପାଣିପାଗ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଓ କନ୍ଧମାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ ୭ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

*******************************